# Akashvani, Sambalpur

# SAMBALPURI NEWS BULLETIN

## 24 January 2026 – 6.47- 6.52 am.

*********************************************

ନିଯୁକ୍ତି ମେଳା- ପ୍ରଧାନ୍‌ମନ୍ତ୍ରୀ          ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆଭାସୀ ଜରିଏ ୧୮ ନମ୍ବର ରୋଜଗାର ମେଲାଥି ନୂଆଁକରି ଚାକ୍‌ରି ପାଇଥିବା ଭିନ୍ ଭିନ୍ ବିଭାଗ୍ ଆଉ ମନ୍ତ୍ରଣାଲୟର୍ ୬୧ ହଜାର୍‌ନୁ ଅଏତ୍‌କା ଝନ୍‌କୁ ନିଯୁକ୍ତିପତ୍ର ବାଂଟ୍‌ବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଯୁଆନ୍ ପିଲାଟୁକେଲ୍ ମାନ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଦେଶର୍ ୪୫ଟା ଜାଗା ନ ଇ ରୋଜଗାର ମେଲାର୍ ଆୟୋଜନ୍ କରାଯାଇଛେ । ଗୃହ, ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାାଣ, ଉଚ୍ଚ ଶିକ୍ଷା ଆଉ ଅଲ୍‌ଗା ବିଭାଗ୍‌ମାନ୍‌କେ ଇ ନିଯୁକ୍ତି ଦିଆଯାଇଛେ । ଇ ପଦକ୍ଷେପ୍ ମୁଲ୍ ହେବାର୍ ଉତ୍‌ରୁ ରୋଜଗାର ମେଲା ଜରିଏ ୧୧ ଲାଖ୍ ନୁ ଅଏତ୍‌କୁ ଯୁଆନ୍ ପିଲାଟୁକେଲ୍‌ଙ୍କୁ ଏବ୍‌ତକ୍ ନିଯୁକ୍ତି ପତ୍ର ବଂଟାଯାଇଛେ ।

ପିଏମ୍-ସ୍ୱନିଧି ରଣ          **I & PR**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲାକାଏଲ୍ ଦେଶର୍ ଲାଖେ ହିତାଧିକାରୀଙ୍କୁ ପିଏମ୍-ସ୍ୱନିଧି ଋଣ ଯୁଗେଇ ଦେବାର୍ ସହେତେ ହିତାଧିକାରୀମାନକର୍ ଲାଗି ପିଏମ୍ ସ୍ୱନିଧି କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରିଛନ୍ । କେରଲ୍‌ର ଥିରୁଅନନ୍ତପୁରମ୍‌ଠାନେ ଗୁଟେ ସମାବେଶ୍‌ଥି ପ୍ରଧାନମନ୍ତ୍ରୀ ଇତାର୍ ଶୁଭାରମ୍ଭ କରିଛନ୍ । ଭୁବନେଶ୍ୱର କୃଷି ଭବନ୍‌ଠାନେ ଇତାର୍ ରାଜ୍ୟସ୍ତରୀୟ ସମାରୋହର୍ ଆୟୋଜନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଗୃହ ନିର୍ମାଣ ଆଉ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ୍ ଦେଇକରି ରାଜ୍ୟର୍ ୧୦ ଝନ୍ ହିତାଧିକାରୀଙ୍କୁ ଋଣ, ୪ ଝନ୍‌ଙ୍କୁ କ୍ରେଡିଟ୍ କାର୍ଡ ଯୁଗେଇ ଦେଇଥିଲେ । ଯୋଜ୍‌ନା ଜରିଏ ରାଜ୍ୟର ୬୦ ହଜାର୍‌ନୁ ଅଏତ୍‌କା ଉଠା ଦୋକାନୀ ଉପକୃତ୍ ହେବେ ବଲି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

## ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ୍ **I & PR**

ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ଚାଲିଥିବା ମତ୍ସ୍ୟ-ପ୍ରାଣୀ ସମାବେଶ୍ ଓଡ଼ିଶା ୨୦୨୬ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ମତ୍ସ୍ୟ ଆଉ ପ୍ରାଣୀ ପାଲନ୍ କ୍ଷେତ୍ରଥି ଉଦ୍ୟୋଗ୍ ବନାବାର୍‌କେ ରାଜ୍ୟର୍ ଯୁଆନ୍ ପିଢ଼ିକେ ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ରାଜ୍ୟପାଲ ସରକାରଙ୍କର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜ୍‌ନା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜ୍‌ନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ୍ ଯୋଜ୍‌ନା ବାଗିର୍ ଭିନ୍ ଭିନ୍ ଯୋଜ୍‌ନାର ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ୍‌ଥି ପୁର୍ତ ଆଉ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ

ଆଉ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଇ ଅବ୍‌ସରେ କୃଷି କ୍ଷେତ୍ରର୍ ବିକାଶ ଲାଗି କାମ୍ କରୁଥିବା ଚାଷୀମାନ୍‌ଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ମୁକ୍ତେଶ୍ୱର ନୃତ୍ୟ ଉତ୍ସବ୍-୨୦୨୬ **I & PR**

ଭୁବନେଶ୍ୱର ମୁକ୍ତେଶ୍ୱର ମନ୍ଦିର ପରିସର ନ ଗଲାକାଏଲ୍ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ୍-୨୦୨୬ ମୁଲ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଇତାର୍ ଉଦ୍‌ଘାଟନ୍ କରିଛନ୍ । ଇ ଉତ୍ସବ୍ ଜରିଏ ଓଡ଼ିଶାର୍ ପ୍ରସିଦ୍ଧ ପ୍ରତ୍ନତାତ୍ତ୍ୱିକ୍ ବିଭବ୍‌ର ପ୍ରଚାର୍ ପ୍ରସାର୍ ସହେତେ ଓଡ଼ିଶୀ ନୃତ୍ୟର୍ ଆଦୃତି ବଢୁଛେ ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ । ୩ ଦିନିଆ ଉତ୍ସବ୍‌ଥି ଫି ଦିନ ଜାତୀୟ ଅନ୍ତର୍ଜାତୀୟ ସ୍ତରର୍ ନୃତ୍ୟଶିଳ୍ପୀମାନେ କଲାର୍ ପରିବେଷଣ କର୍‌ବେ । ଉତ୍ସବ୍‌ଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆଉ ଅଲ୍‌ଗାମାନେ ଉପସ୍ଥିତ ଥିଲେ ।

ପୁସ୍ତକ ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବିର୍ସାମୁଣ୍ଡା ପଡ଼ିଆ ନ ଆଏଜ୍‌ଠାନୁ ସମ୍ବଲ୍‌ପୁର୍ ପୁସ୍ତକ୍ ମେଳା ମୁଲ୍ ହେଉଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମେଳାର୍ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ୍  ଉପସ୍ଥିତ୍ ରହେବେ । ନେସ୍‌ନାଲ୍ ବୁକ୍ ଟ୍ରଷ୍ଟ, ସେତୁ ଅନୁଷ୍ଠାନ୍ ଆଉ ଜିଲ୍ଲା ପ୍ରଶାସନ୍‌ର ସହଯୋଗ୍‌ଥି ପୁସ୍ତକ ମେଳା ଫେବୃଆରୀ ୨ ତାରିଖ୍‌ତକ୍ ଚାଲ୍‌ବା । ମେଳାଥି ୨ ଶହ ୫୦ ନୁ ଅଏତ୍‌କା ଷ୍ଟଲ୍ ଲାଗ୍‌ବା ।

ଉଡ଼ାନ୍ -୨୦୨୬ **I & PR**

ବିଶ୍ୱ ଓଡ଼ିଆ ସ୍ୱାସ୍ଥ୍ୟ ସଂଘ ତର୍‌ଫୁ ପୁରୀ ନ ଆଏଜ୍‌ଠାନୁ ପହେଲା ବିଶ୍ୱ ଓଡ଼ିଆ ସ୍ୱାସ୍ଥ୍ୟ ସମ୍ମିଳନୀ ଉଡ଼ାନ୍ -୨୦୨୬ ମୁଲ୍ ହେବା । ୩ ଦିନିଆ ସମ୍ମିଳନୀଥି ପୁର୍‌ଥିର୍ ଭିନ୍ ଭିନ୍ ଜାଗା ନ ରହୁଥିବା ଓଡ଼ିଆ ଡାକ୍ତର୍‌ମାନେ ସାମିଲ୍ ହେଇକରି ଓଡ଼ିଶା ନ ସ୍ୱାସ୍ଥ୍ୟସେବାର୍ ଉନ୍ନତି ସହେତେ କେନ୍ତାକରି ଉନ୍ନତ୍ ଆଉ ଅତ୍ୟାଧୁନିକ୍ ଚିକିତ୍ସା ସେବା ଯୁଗେଇ ଦିଆଯାଇପାର୍‌ବା ସେ ବାବ୍‌ଦେ କାର୍ଯ୍ୟଖସଡ଼ା ତିଆର୍ କର୍‌ବେ । ଇ ଅବ୍‌ସରେ ଓଡ଼ିଶା ନ କାମ୍ କରୁଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ୍ ଆଉ ଡାକ୍ତର୍‌ମାନ୍‌କର୍ ଭିତ୍‌ରେ ସୁସମ୍ପର୍କ ଥାପ୍‌ନା କର୍‌ବାର୍‌କେ ଲକ୍ଷ୍ୟ

ଧାରିଜ୍ କରାଯାଇଛେ । ସମ୍ମିଲନୀର୍ ବିଷୟବସ୍ତୁ ‘ସେବା ପରମଧର୍ମ’ ରଖାଯାଇଛେ ।

ଭାରତ ଅଭିବୃଦ୍ଧି            ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱ ଅର୍ଥବ୍ୟବସ୍ଥାର୍ ସ୍ଥିତି ଢଲ୍‌ପଲଉଥିଲେ ଭିଲ୍ ଭାରତର୍ ମୋଟ୍ ଘରୋଇ ଉତ୍ପାଦ- ଜିଡିପି ଅଭିବୃଦ୍ଧି ହାର ଠିକ୍ ରହେବା । ଭାରତ୍ ପୁର୍‌ଥିର୍ ସବୁନୁ ଜୋର୍‌ସେ ବଢୁଥିବା ଅର୍ଥବ୍ୟବସ୍ଥାର୍ ମାଏନ୍‌ତାକେ ଜାରି ରଖିକରି ଆହୁରି ଚମ୍‌କିବା ବଲି ଭାରତୀୟ ରିଜର୍ଭ ବେଙ୍କ ତର୍‌ଫୁ ତାର୍ ମାସ୍‌କିଆ ରିପୋର୍ଟଥି କୁହାଯାଇଛେ । ପୁର୍‌ଥି ନ ଆର୍ଥିକ୍ ଅସ୍ଥିର୍‌ତା ଲାଗି ରହିଥିଲା ବେଲ୍‌କେ ଭାରତ୍ ବାହାରର୍ ଆର୍ଥିକ୍ ସମସ୍ୟାମାନ୍‌କୁ କମ୍ କର୍‌ବାର୍ ଲାଗି ରପ୍ତାନୀର୍ ବାଟ୍‌କେ ବଦ୍‌ଲେଇ ଦେଇଛେ । ନିଜର୍ ଉତ୍ପାଦିତ୍ ଦରବ୍ ଯେନ୍‌ତା ପୁର୍‌ଥିର୍ ଭିନ୍ ଭିନ୍ କୁନାକେ ପୁହୁଁଚେଇପାର୍‌ବା ସେଥିର୍ ଲାଗି ଭାରତ୍ ଭିନ୍ ଭିନ୍ ଦେଶ୍‌ମାନ୍‌କର ସଙ୍ଗେ ଚୁକ୍ତି କରିଛେ ।

ସଡ଼କ ସୁରକ୍ଷା ମାସ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ପୁଲିସ ତର୍ଫ଼ୁ ଗଲାକାଏଲ୍ ସଡ଼କ ସୁରକ୍ଷା ମାସ ପାଲନ ଅବ୍ସରେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍ସରେ ପୁଲିସ ତର୍ଫ଼ୁ ବାଇକ୍ ଚାଲକ୍ମାନ୍ଙ୍କୁ ଦରକାରୀ ସୁରକ୍ଷା ବ୍ୟବସ୍ଥା ସହେତେ ଗାଡ଼ି ଚଲାବାର୍କେ ପରାମର୍ଶ ଦେଇଥିଲେ । ମଦ୍ ପିଇକରି ଗାଡ଼ି ଚଲାବାର୍ନୁ ଦୁରେ ରହେବାର୍କେ ବୁଝେଇଥିଲେ । ପୁଲିସ ସଙ୍ଗେ ଇଲାକାର୍ କଲାକାର୍ମାନେ ଭିଲ୍ ପାରମ୍ପରିକ୍ ବେଶ୍ ପୋଷକ୍ଥି ସଜେଇ ହେଇକରି ସଚେତନତା ଅଭିଯାନ୍ଥି ସାମିଲ୍ ହେଇଥିଲେ ।